# SAMPLE QUESTION PAPER
# CLASS- X
# ଓଡ଼ିଆ/ ODIA (013)
## Year-2019-20

*ସମୟ - ୩ ଘଂଟା* | *ପୂର୍ଣ୍ଣ ସଂଖ୍ୟା - ୮୦*

*Time allowed : 3 hours* | *Maximum Marks: 80*

- ପ୍ରଶ୍ନପତ୍ରଟି ୫ ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡାହାଣ ପଟ କୋଣରେ ଦିଆଯାଇଥିବା କୋଡ଼୍ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ ୧୧ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢ଼ିବା ପାଇଁ ୧୫ ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର ୧୦.୧୫ ମିନିଟ୍ ସମୟରେ ବଂଟନ କରାଯିବ । ତେଣୁ ୧୦.୧୫ଠାରୁ ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains 5 Printed pages.
- Code number given on the right hand side of the question paper should be written on the title page of the answer book by the candidate.
- Please check that this question paper contains **11** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 am. From 10.15 am to 10.30 am, the students will read the question paper only and will not write any answer on the answer book during this period.

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

| | | |
|---|---|---|
| (କ) ପଠନ | – | Reading – 10 |
| (ଖ) ଲିଖନ | – | Writing – 15 |
| (ଗ) ବ୍ୟାକରଣ | – | Grammar – 20 |
| (ଘ) ସାହିତ୍ୟ | – | Literature – 35 |

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ /

## 'କ' ବିଭାଗ

**1. ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **5 x 2 =10**

ବେଦ ଭାରତୀୟ ସଂସ୍କୃତିର ମୂଳାଧାର । ବିଶ୍ୱ ଭ୍ରାତୃତ୍ୱର ମୂଳମନ୍ତ୍ର, ସାର୍ବଜନୀନ ବିଚାରଧାରାର ପ୍ରଥମ ଉତ୍ସ । ଶାସ୍ତ୍ରାକାରମାନେ ବେଦର ପ୍ରଶଂସା କରିବାକୁ ଯାଇ କହିଛନ୍ତି –'ଭୂତଂ ଭବତ୍ ଭବିଷ୍ୟତ୍ ଚ ସର୍ବଂ ବେଦାତ୍ ପ୍ରସିଦ୍ଧତି ।' ଅର୍ଥାତ୍ ବିଶ୍ୱରେ ଯାହା ହୋଇଯାଇଛି, ହେଉଅଛି ଓ ହେବ ତା'ର ମୂଳ ଉତ୍ସ ହେଉଛି ବେଦ । ବେଦ ଆଜି ବିଜ୍ଞାନ । ମାନବୀୟ ସଭ୍ୟତା ଓ ସଂସ୍କୃତିର ମାର୍ଗ ଦର୍ଶନକ୍ଷେତ୍ରରେ ବେଦର ଅବଦାନ ଅନସ୍ୱୀକାର୍ଯ୍ୟ । ସେଥିପାଇଁ ଏହାକୁ ବ୍ୟାକରଣ ସମର୍ଥିତ ପ୍ରତ୍ୟୟ ଅନୁସାରେ 'ବିଜ୍ଞାନ' ଅର୍ଥାତ୍ ବିଶେଷ ଜ୍ଞାନ, ବ୍ୟାପକ ଜ୍ଞାନ ଓ ବିଶ୍ଳେଷିତ ଜ୍ଞାନ ଭାବରେ ଗ୍ରହଣ କରାଯାଇଥାଏ । ତେଣୁ ବେଦ ବିଜ୍ଞାନ ସମ୍ବଳିତ ରଚନା । ବେଦ ଭାରତୀୟ ଧର୍ମ, ସଂସ୍କୃତି, ସଭ୍ୟତା, ଜ୍ଞାନ ଓ ବିଜ୍ଞାନର ଭଣ୍ଡାର । ସଂସ୍କୃତ ଭାଷାର ଏହି ପ୍ରାଚୀନତମ ଗ୍ରନ୍ଥ ମନୁଷ୍ୟର ଉନ୍ନତି ନିମନ୍ତେ ନିଜର ଜ୍ଞାନ ସମ୍ପଦ ଦ୍ୱାରା ଦିବ୍ୟ ଆଲୋକ ସ୍ତମ୍ଭ ପରି କାମ କରେ । ହଜାର ହଜାର ବର୍ଷ ପୂର୍ବରୁ ଲତା, ଗୁଳ୍ମ, ବୃକ୍ଷମାନଙ୍କର ଉପଯୋଗିତା ତଥା ଦ୍ରବ୍ୟଗୁଣର ଅବ୍ୟର୍ଥ ମହୌଷଧି ବେଦରେ ନିର୍ଣ୍ଣିତ ହେଇଛି । ସଂପ୍ରତି ଏସବୁର ଗୁଣାଗୁଣ ସଂପର୍କରେ କୋଟିକୋଟି ଅର୍ଥ ବ୍ୟୟରେ ଏହି ତଥା କଥିତ ବିଜ୍ଞାନୀମାନେ ଯେଉଁ ତଥ୍ୟ ପ୍ରଦାନ କରୁଛନ୍ତି, ବୈଦିକ ମନ୍ତ୍ରଦ୍ରଷ୍ଟା ଋଷି ତାହା ବହୁ ପୂର୍ବରୁ ଜାଣି ପାରିଥିଲେ କିପରି ? ତେଣୁ ସେହି ବୈଦିକ ଜ୍ଞାନର ଉପଯୋଗିତା ଆଜି ଅପରିହାର୍ଯ୍ୟ ।

**ପ୍ରଶ୍ନାବଳୀ:**

କ. ବ୍ୟାକରଣ ସମର୍ଥିତ ପ୍ରତ୍ୟୟ ଅନୁସାରେ ବିଜ୍ଞାନର ଅର୍ଥ କ'ଣ ?

ଖ. କେଉଁସବୁ କ୍ଷେତ୍ରରେ ବେଦର ଅବଦାନ ଅନସ୍ୱୀକାର୍ଯ୍ୟ ?

ଗ. ବୈଦିକ ମନ୍ତ୍ରଦ୍ରଷ୍ଟା ଋଷି କେଉଁ କଥା ବହୁ ପୂର୍ବରୁ ଜାଣି ପାରିଥିଲେ ?

ଘ. ମନୁଷ୍ୟର ଉନ୍ନତି ନିମନ୍ତେ ବେଦ କିପରି କାର୍ଯ୍ୟ କରେ ?

ଙ. ଶାସ୍ତ୍ରାକାରମାନେ ବେଦର ପ୍ରଶଂସା କରିବାକୁ ଯାଇ କ'ଣ କହିଛନ୍ତି ?

## 'ଖ' ବିଭାଗ

**2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।** 8

(କ) ସାହିତ୍ୟ ଓ ସମାଜ

(ଖ) ଛାତ୍ର ଜୀବନରେ କ୍ରୀଡ଼ାର ଉପଯୋଗିତା

(ଗ) ନାରୀ ସଶକ୍ତିକରଣ

3. ତୁମ ଅଂଚଳର ଏକ ବୃଦ୍ଧାଶ୍ରମକୁ ଆର୍ଥିକ ସହାୟତା ଆବଶ୍ୟକ । ଏ ସଂପର୍କରେ ଏକ ବିବରଣୀ ପ୍ରକାଶ ନିମନ୍ତେ ଅନୁରୋଧ କରି ସ୍ଥାନୀୟ ସମ୍ପାଦକଙ୍କ ନିକଟକୁ ଏକ ପତ୍ର ଲେଖ । 7

**କିମ୍ବା**

'ନିଶା ନିବାରଣ' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ଏକ ସମ୍ବାଦପତ୍ର ସଂପାଦକଙ୍କ ନିକଟକୁ ପତ୍ର ଲେଖ।

(ବି.ଦ୍ର -ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## 'ଗ' ବିଭାଗ

4.(କ) **ନିର୍ଦ୍ଦେଶ ଅନୁସାରେ ବାକ୍ୟଗୁଡ଼ିକର ପରିବର୍ତ୍ତନ କର । ( ୪ ଟିର)** 4

i. ମଧୁମିତା ସୁନ୍ଦର ଗୀତ ଗାଇ ସମ୍ମାନିତ ହେଲା ।(ଯୌଗିକ ବାକ୍ୟ)

ii. ତାଜମହଲ ଦେଖିବା ପାଇଁ ଆଗ୍ରା ଯିବାକୁ ପଡ଼େ । (ଜଟିଳ ବାକ୍ୟ)

iii. ଗୋପାଳ ବାବୁ ମୋତେ ଡାକିଥିଲେ ମଧ୍ୟ ମୁଁ ଯାଇନଥିଲି ।(ଯୌଗିକ ବାକ୍ୟ)

iv. ରାମ ଓ ହରି କଟକ ଗଲେ ଏବଂ ଦୁର୍ଗାପୂଜା ଦେଖିଲେ । (ସରଳ ବାକ୍ୟ)

v. ପରୀକ୍ଷା ପାଖେଇ ଆସିଲେ ପିଲାମାନେ ଅଧିକ ପରିଶ୍ରମ କରନ୍ତି । (ଜଟିଳ ବାକ୍ୟ)

vi. ଯେଉଁମାନେ ଆଳସ୍ୟ ପରାୟଣ ସେମାନେ ଦୁଃଖ ପାଆନ୍ତି ।(ସରଳ ବାକ୍ୟ)

(ଖ) **ଭ୍ରମ ସଂଶୋଧନ କରି ଲେଖ । ( ୪ ଟିର)** 4

**i.** ଭୌଗଳିକ **ii.**ଜନତାମାନଙ୍କର **iii.** ହୃଷ୍ଟପୃଷ୍ଟ **iv.** ଅନୁସୂୟା **v.** ମନଭାବ **vi.** ନିରପରାଧୀ

(ଗ) **ଲକ୍ଷଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦର ଉଦାହରଣ ଦିଅ ।** 4

'ରାମକେରୀ' **କିମ୍ବା** 'ଭାଗବତ ବାଣୀ'

(ଘ) **ବିଶେଷ ଅର୍ଥରେ ବାକ୍ୟରେ ବ୍ୟବହାର କର । (ଯେକୌଣସି ୪ ଟି ରୂଢ଼ିର)** 4

**i.** ଗୋଡ଼ଟେକି ବସିବା **ii.**ଛାତି ପଥର କରିବା **iii.** ତିଳକୁ ତାଳ କରିବା **iv.** ଦେହଲଗା

**v.** ବିରାଡ଼ି ବୈଷ୍ଣବ **vi.** ଶୁଆ ପରି ଘୋଷିବା

(ଙ) **ଓଡ଼ିଆରେ ଅନୁବାଦ କରି ଲେଖ ।** 4

Our school was closed yesterday, 2nd October. Mahatma Gandhi, the father of the nation, was born on this day at Kathiawad town of Porbandar. He fought for the rights of Indians in South Africa. Truth and non-violence were the ideals of his life and he never compromised with injustice.

## 'ଘ' ବିଭାଗ

5. **ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** 5

(କ) ଭାରତୀୟ ଦର୍ଶନରେ, ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।

(ଖ) ଏମାନେ ପୁଷ୍ପିତ ପଳାଶବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଆନତ କୃଷ୍ଣଚୂଡ଼ାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ ।

6. **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୩ଟିର)** 3 x2 =06

(କ) କିଭଳି ଲୋକ ଜୀବନ-ଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ ?

(ଖ) ରୁଷ ସରକାର ପ୍ରତ୍ୟେକ ସୋଭିଏଟ୍‌ରେ ଲୋକମାନଙ୍କୁ କେଉଁ ଅଧିକାର ଦେଇଛନ୍ତି ?

(ଗ) ଓଡ଼ିଆ ଭାଷାରେ ଗୀତାଭିନୟ ରଚନା କରିଥିବା ଦୁଇଜଣ ଯଶସ୍ୱୀ ସ୍ରଷ୍ଟାଙ୍କ ନାମ ଲେଖ ।

(ଘ) ବିବେକାନନ୍ଦଙ୍କର ଅସଲ ଶକ୍ତି କ'ଣ ?

(ଙ) ବୈଜ୍ଞାନିକମାନେ ମାନବକୁ ଧ୍ୱଂସ ପଥର ପଥିକ କରୁଛନ୍ତି ବୋଲି ଲେଖକ କାହିଁକି କହିଛନ୍ତି ?

7. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 4 x1 =04

କ. ଭୀମାଭୂୟାଁ ଉପନ୍ୟାସର ରଚୟିତା କିଏ ?

(i) ସୁରେନ୍ଦ୍ର ମହାନ୍ତି (ii) ଗୋପାଳ ବଲ୍ଲଭ ଦାସ
(iii) ହରେକୃଷ୍ଣ ମହତାବ (iv) ଫକୀର ମୋହନ ସେନାପତି

ଖ. କେଉଁ ଶିଷ୍ୟ କେବେ ହେଲେ ମଠଛାଡ଼ି ବାହାରକୁ ଯାଇ ନ ଥିଲେ ?

(i) ବିବେକାନନ୍ଦ (ii) ବ୍ରହ୍ମାନନ୍ଦ
(iii) ରାମକୃଷ୍ଣାନନ୍ଦ (iv) ଯୋଗାନନ୍ଦ

ଗ. ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରେଇ ରଖିଛି ବୋଲି ଲେଖକ କହିଛନ୍ତି ?

(i) ହିବ୍ରୁ ଭାଷା (ii) ମାତୃଭାଷା
(iii) ହିନ୍ଦିଭାଷା (iv) ଇଂରାଜୀ ଭାଷା

ଘ. ଆଧୁନିକ ସଭ୍ୟତାର ଲକ୍ଷ୍ୟସ୍ଥଳରେ ପହଂଚିବାକୁ ଆମ୍ଭେମାନେ କାହାକୁ ଅବଲମ୍ବନ କରିଥାଉଁ ?

(i)ସ୍ୱାର୍ଥ (ii) ଇତିହାସ
(iii)ତ୍ୟାଗ (iv) ବିଜ୍ଞାନ

୮. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର) 5

(କ) ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା ।

(ଖ) ଯେହାନ୍ତ ରଖିଲି ମୁଁ ବଂଶରକ୍ଷାର ନିମନ୍ତେ
ଗତ ଆଗତ ବୁଡ଼ିଲା ଯେ ତୋହୋର କୃତ୍ୟେ ।

୨. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୩ଟିର) 3 x2 =06

(କ) ଦୁର୍ଯ୍ୟୋଧନ ଅତ୍ୟନ୍ତ ଖୁସି ହେଲେ କାହିଁକି ?
(ଖ) ରାବଣ ଶୁକ ଓ ସାରଣଙ୍କ ମାଧ୍ୟମରେ ବିଭୀଷଣଙ୍କ ପାଖକୁ କି ଖବର ପଠାଇଲେ ?
(ଗ) ହ୍ରଦ ମଧ୍ୟଭାଗରେ କାହାର ପ୍ରତିବିମ୍ବ ଶୋଭା ପାଉଛି ?
(ଘ) ତମସା ନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା
(ଙ) ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 4x1 =04

କ. ମରୁ ପଥରେ କବି କ'ଣ ସୃଷ୍ଟି କରିବାକୁ କହିଛନ୍ତି ?

i. ଫୁଲ ବଗିଚା ii. ଘାସଗାଲିଚା
iii. ନିର୍ଝର iv. ମରୂଦ୍ୟାନ

**ଖ.** ଯୋଗେଶ୍ୱରୀ କିଏ ?

i. ଉଷା

ii. ଅନୁକମ୍ପା

iii. ସୀତା

iv. ତମସା

**ଗ.** କେଉଁ କବିଙ୍କ କବିତାକୁ ମୀନଜୀବୀମାନେ ଗାନ କରୁଥିଲେ ?

i. ନନ୍ଦ କିଶୋର ବଳ

ii. ରାଧାନାଥ

iii. ବଳଦେବ ରଥ

iv. ଉପେନ୍ଦ୍ରଭଞ୍ଜ

**ଘ.** ଅଙ୍ଗଦଙ୍କ ଶକ୍ତ ଚାପୁଡ଼ା ପ୍ରହାରରେ କେଉଁ ପର୍ବତ ଭାଙ୍ଗିଯାଇଥାନ୍ତା ବୋଲି କୁହାଯାଇଛି ?

i. କାଳିଜାଈ

ii. ଭାଲେରି

iii. ହିମାଳୟ

iv. ବିନ୍ଧ୍ୟ

11. **ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ ।** 5

**କ.** ସୁନ୍ଦ ଅସୁର କିପରି ଦେହତ୍ୟାଗ କଲେ ?

**ଖ.** ନଟବର କଷ୍ଟ କରି ପାଠ ପଢ଼ିଥିଲେ ମଧ୍ୟ ତାଙ୍କ ପିଲାଙ୍କ ପାଇଁ ସେ କ'ଣ ଭାବୁଥିଲେ ?

**ଗ.** ରାଜନୀତିରେ ବ୍ରହ୍ମାସ୍ତ୍ର ହେଉଛି ଷଡ଼ଯନ୍ତ୍ର, ଏ କଥା କୁହାଯାଇଛି କାହିଁକି ?